୧୬|ଶୁକ୍ରବାର, ଜୁନ ୦୩ – ଜୁନ ୧୬, ୨୦୧୬



ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ପୂର୍ବରୁ ଅନେକ ବାକିଆ ପ୍ରସ୍ତାବ ରହିଛି, ତାକୁ ପୂରଣ କରିବା ଦିଗରେ ମୁଁ ଚେଷ୍ଟା କରିବି

# ପାଠପଢ଼ା ପାଇଁ ଅର୍ଥ ପ୍ରତିବନ୍ଧକ ନହେଉ

**ଓଡ଼ିଶାରେ ମୁକ୍ତ ଭାବେ ପଢ଼ିବାକୁ ଇଚ୍ଛା ରଖିଥିବା ଛାତ୍ରଛାତ୍ରୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିକଟ ଅତୀତରେ ଖୋଲାଯାଇଛି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ । ଏହାର ମୁଖ୍ୟ କାର୍ଯ୍ୟାଳୟ ସମ୍ବଲପୁରରେ ରହିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ରହିଛି ଅନ୍ୟ ଏକ ଶାଖା । ନିକଟ ଅତୀତରେ ଏହାର ପ୍ରଥମ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି ଡ଼କ୍ଟର ଶ୍ରୀକାନ୍ତ ମହାପାତ୍ର । ତାଙ୍କୁ ଭେଟିଥିଲା 'ମୋ ସହର ସଂପର୍କ'...**



ଡ଼କ୍ଟର ଶ୍ରୀକାନ୍ତ ମହାପାତ୍ରଙ୍କୁ ରାଜ୍ୟପାଳଙ୍କ ସମ୍ବର୍ଦ୍ଧନା

ଚିଦାନନ୍ଦ ଜେନା

ସଭ୍ୟତା ଓ ସମାଜରେ ଶିକ୍ଷାର ଆବଶ୍ୟକତା ଅପରିହାର୍ଯ୍ୟ । ଶିକ୍ଷା ଅନ୍ଧାରରୁ ଆଲୋକର ରାସ୍ତା ଦେଖାଏ । ଆମ ଭିତରେ ଥିବା ଦୀର୍ଘ ଦିନର ପୁରୁଣା ଅନ୍ଧବିଶ୍ୱାସ ଦୂର କରେ । ଉପଯୁକ୍ତ ଶିକ୍ଷା ହିଁ ଯଥାର୍ଥ ମଣିଷ ସୃଷ୍ଟି କରିଥାଏ । ଛାତ୍ରଟିଏ ସବୁ ସମୟରେ ଇଚ୍ଛାଥାଇ ବି ପାଠ ପଢ଼ି ପାରିନଥାଏ । ସେହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମଗ୍ର ବିଶ୍ୱରେ ବିଭିନ୍ନ ସ୍ଥାନରେ ମୁକ୍ତ ବିଶ୍ୱବିଦ୍ୟାଳୟର ପରିକଳ୍ପନା କରାଯାଇଥିଲା । ଆଜି ଏହା ବ୍ୟାପକ ରୂପେ ବିଭିନ୍ନ ରାଜ୍ୟ ତଥା ଅପେକ୍ଷାକୃତ ଅନୁନ୍ନତ ସ୍ଥାନରେ ଖୋଲିଲାଣି । ଓଡିଶାରେ ମୁକ୍ତ ଭାବେ ପଢ଼ିବାକୁ ଇଚ୍ଛା ରଖିଥିବା ଛାତ୍ରଛାତ୍ରୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିକଟ ଅତୀତରେ ଖୋଲାଯାଇଛି ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ । ଏହାର ମୁଖ୍ୟ କାର୍ଯ୍ୟାଳୟ ସମ୍ବଲପୁର ରହିଛି । ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି ଡକ୍ଟର ଶ୍ରୀକାନ୍ତ ମହାପାତ୍ର । ଶିକ୍ଷାଦାନ ଓ ପ୍ରଶାସନରେ କ୍ଷେତ୍ରରେ ତାଙ୍କର ବିପୁଳ ଅଭିଜ୍ଞତା । ଏହି ଅବସରରେ ଭୁବନେଶ୍ୱରେ ତାଙ୍କୁ ଭେଟିଥିଲା 'ମୋ ସହର ସଂପର୍କ' । ତାଙ୍କ ସହ ହୋଇଥିବା ଆଳାପର କିଛି ଅଂଶ ।

**ମୁକ୍ତ ବିଶ୍ୱବିଦ୍ୟାଳୟର ଆବଶ୍ୟକତା କ'ଣ ପାଇଁ ?**

ଶିକ୍ଷାର ଆବଶ୍ୟକତା ଯୁଗେ ଯୁଗେ ରହିଛି । ଅନେକ ଛାତ୍ରଛାତ୍ରୀଙ୍କର ପାଠପଢ଼ିବା ପାଇଁ ଇଚ୍ଛା ଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ପଢ଼ି ପାରି ନଥାନ୍ତି । ପାରମ୍ପରିକ ଶିକ୍ଷା ହୁଏତ ସଭିଙ୍କ ପାଖେ ପହଞ୍ଚି ପାରେ ନାହିଁ । ତେଣୁ ପିଲାଙ୍କ ପାଖରେ ଆମକୁ ପହଞ୍ଚିବାକୁ ପଡ଼ିବ । ଗୋଟିଏ ମୁକ୍ତ ବିଶ୍ୱବିଦ୍ୟାଳୟ ଅନେକାଂଶରେ ଏହି ଆବଶ୍ୟକତା ପୂରଣ କରିଥାଏ । ତେଣୁ ମୁକ୍ତ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ରହିଛି । ଏହା ବେଶ ଆଦୃତ ମଧ୍ୟ।

**ଜାତୀୟସ୍ତରରେ ଇଗ୍ନୋଥିବା ସତ୍ତ୍ୱେ ଓଡିଶାରେ ମୁକ୍ତ ବିଦ୍ୟାଳୟର ଆବଶ୍ୟକତା କ'ଣ ପାଇଁ ?**

ଜାତୀୟସ୍ତରରେ ଇଗ୍ନୋର ଯଥେଷ୍ଟ ଗୁରୁତ୍ୱ ରହିଛି । ମାତ୍ର ଭାରତବର୍ଷ ଏକ ବହୁ ଭାଷାଭାଷୀ ଥିବା ରାଜ୍ୟ । ଜାତୀୟସ୍ତରରେ ହିନ୍ଦୀ ଓ ଇଂରାଜୀରେ ଶିକ୍ଷା ଦାନ କରାଯାଇଥାଏ । ଆଞ୍ଚଳିକ ଇଚ୍ଛାକୁ ଗୁରୁତ୍ୱ ଦେବାକୁ ଯାଇ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ଗୁରୁତ୍ୱ ରହିଛି । ଶିକ୍ଷାଦାନ ପ୍ରଣାଳୀ ଓଡ଼ିଆରେ ହେବା ସହ ଓଡିଶାର ବିଭିନ୍ନ ପ୍ରାନ୍ତରେ ଥିବା ଛାତ୍ରଛାତ୍ରୀମାନେ ବ୍ୟାପକ ଭାବେ ମୁକ୍ତ ଶିକ୍ଷା ପାଇବାର ସୁଯୋଗ ସୃଷ୍ଟି ହୋଇଛି । ପାରମ୍ପରିକ ଶିକ୍ଷାରେ ନିୟମିତ ଭାବେ ଶିକ୍ଷାନୁଷ୍ଠାନ ଯିବାକୁ ପଡିଥାଏ ମାତ୍ର ମୁକ୍ତ ବିଶ୍ୱବିଦ୍ୟାଳୟ ପରୋକ୍ଷରେ ଛାତ୍ରଛାତ୍ରୀଙ୍କ ନିକଟତର ହୋଇଥାଏ । ଆମେ ଆମର ଉପକରଣ ଅନ୍ ଲାଇନ୍‌ରେ ଯୋଗାଇ ଦେବା ସହ ଆଡ୍‌ମିସନ୍ ନେବା ଠାରୁ ସାର୍ଟିଫିକେଟ୍ ନେବା ପର୍ଯ୍ୟନ୍ତ ସବୁ ଅତି ସରଳ ଭାବେ ହୋଇଥାଏ । ଆଞ୍ଚଳିକ ଆବଶ୍ୟକତା ଦୃଷ୍ଟିରେ ରଖି ଯେଉଁ କୋର୍ସ କେବଳ ଓଡିଶା ପାଇଁ ଉପଯୋଗୀ ତାହା ଇଗ୍ନୋ ଦ୍ୱାରା ସମ୍ଭବ ହୋଇ ପାରି ନଥାନ୍ତା । ତେଣୁ ଓଡିଶାରେ ମୁକ୍ତ ବିଶ୍ୱ ବିଦ୍ୟାଳୟର ଆବଶ୍ୟକତା ରହିଛି । ବେଶ ଅଧିକ ।

**ଏହି ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ହିସାବରେ କେଉଁ କେଉଁ ଦିଗକୁ ପ୍ରାଥମିକତା ଦେବେ ?**

ଏକ ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମିର ବିକାଶ ନିହାତି ଜରୁରୀ । ଭିତ୍ତିଭୂମି ବ୍ୟତୀତ ଉପଯୁକ୍ତ ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦେବି । ଏହି ଠାରୁ ବିଭିନ୍ନ ବିଷୟରେ ଅଧ୍ୟୟନ କଲାପରେ ସମସ୍ତେ କିପରି ରୋଜଗାରକ୍ଷମ ହୋଇପାରିବେ ସେ ଦିଗ ପ୍ରତି ଦୃଷ୍ଟି ଦେବି । କମ୍ ପଇସାରେ କିପରି ଛାତ୍ରଛାତ୍ରୀ ମାନେ ଗୁଣାତ୍ମକ ଶିକ୍ଷା ଲାଭ କରିପାରିବେ ସେ ଦିଗରେ ମୁକ୍ତ ବିଶ୍ୱବିଦ୍ୟାଳୟ ସର୍ବଦା ଚେଷ୍ଟା କରିବ ।

**ନୂଆକରି ଆରମ୍ଭ ହୋଇଥିବା ଏହି ବିଶ୍ୱବିଦ୍ୟାଳୟ ସଂପର୍କରେ କିଛି କୁହନ୍ତୁ ?**

ସମ୍ବଲପୁରରେ ଏହାର ମୁଖ୍ୟାଳୟ ଥିବା ବେଳେ ରାଜଧାନୀରେ ମଧ୍ୟ ଏକ ଶାଖା ରହିଛି । ଏହାର ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ପୂର୍ଣ୍ଣ ସହଯୋଗ ରହିଛି । ସାରା ରାଜ୍ୟରେ ୩୨ ଗୋଟି ସ୍ଥାନରେ ସେଣ୍ଟର ଖୋଲି ସାରିଲାଣି । ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଆଡମିସନ୍ ନେଇ ଆଗ୍ରହ ପ୍ରକାଶ ପାଇଛି । ଆମେ ପାଠ୍ୟ ପୁସ୍ତକ ଯାହାକୁ ମୁକ୍ତ ବିଶ୍ୱବିଦ୍ୟାଳୟରେ ସେଲ୍‌ଫ ଲର୍ଣ୍ଣିଂ ମ୍ୟାଟେରିଆଲ୍ ବୋଲି କୁହାଯାଏ, ତାହାକୁ ଆମେ ଓଡ଼ିଆରେ ଯୋଗାଇ ଦେଉଛୁ । ସବୁକିଛି ସଭିଙ୍କ ପାଇଁ ୱେବସାଇଟ୍‌ରେ ମାଗଣାରେ ଉପଲବ୍ଧ । ଆମେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଇଣ୍ଟରନେଟ୍ ରେଡ଼ିଓ ପ୍ରତିଷ୍ଠା କରିଛୁ । ଯାହା ଫଳରେ ସାରା ପୃଥିବୀରେ ଥିବା ଛାତ୍ରଛାତ୍ରୀମାନେ ଏହାଦ୍ୱାରା ସହଜରେ ଓ ସୁବିଧାରେ ଶିକ୍ଷାଦାନ ପାଇପାରିବେ । ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଏହା ପ୍ରଥମ ପ୍ରୟୋଗ ।

**କେଉଁ କେଉଁ କୋର୍ସ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ପରିଲକ୍ଷିତ ହେଉଛି ?**

ସାମ୍ବାଦିକତା ଓ ଗଣଯୋଗାଯୋଗ, ରୁରାଲ୍ ଡେଭଲପମେଣ୍ଟ, ଆକାଉଣ୍ଟିଂ, ସାଇବର ସିକ୍ୟୁରିଟି , ନର୍ସିଂ ପ୍ରତି ଆଗ୍ରହ ପରିଲକ୍ଷିତ ହେଉଛି । ଅନ୍ୟାନ୍ୟ କୋର୍ସ ବି ଆଗ୍ରହ ବଢ଼ୁଛି ।

**ଭୁବନେଶ୍ୱର, ସମ୍ବଲପୁରକୁ ଛାଡ଼ି ଅନ୍ୟ କେଉଁଠାରେ ମୁକ୍ତବିଶ୍ୱବିଦ୍ୟାଳୟରେ ବ୍ୟାପକ ଭାବେ ଛାତ୍ରଛାତ୍ରୀ ମାନେ ଯୋଡି ହେଉଛନ୍ତି ?**

ରାଜଧାନୀ ଭୁବନେଶ୍ୱର ଓ ଏହାର ମୁଖ୍ୟାଳୟ ସମ୍ବଲପୁରକୁ ବାଦ୍ ଦେଲେ କଟକରେ ମଧ୍ୟ ଗୁରୁତ୍ୱ ରହିଛି । ଆପଣମାନେ ଜାଣି ଖୁସି ହେବେ ସୁଦୂର ସୋନପୁର, ପଶ୍ଚିମ ପ୍ରାନ୍ତୀୟ ଜିଲ୍ଲା ନୂଆପଡା ଏବଂ ଯାଜପୁରରେ ବ୍ୟାପକ ଭାବେ ଛାତ୍ରଛାତ୍ରୀମାନେ ଯୋଡି ହେଉଛନ୍ତି ।

**ରାଜ୍ୟର ପ୍ରମୁଖ ସହର ଓ ଜିଲ୍ଲା ମୁଖ୍ୟାଳୟରେ ଏହା ସୀମିତ ହୋଇ ଯିବ ନାହିଁ ତ ?**

ନାଁ କଦାପି ନୁହେଁ । ଧୀରେ ଧୀରେ ଏହା ତୃଣମୂଳ ସ୍ତରକୁ ଯିବ । ଜିଲ୍ଲା ଗୁଡ଼ିକ ପରେ ବିଭିନ୍ନ ବ୍ଲକରେ ସେଣ୍ଟର ଖୋଲିବା ପାଇଁ ଚେଷ୍ଟା କରାଯିବ । ଏଥିପାଇଁ ବୈଷୟିକ ସହଯୋଗ ସହ ବହୁ ପରିମାଣରେ ଉପଯୁକ୍ତ ଶିକ୍ଷକଙ୍କର ଆବଶ୍ୟକତା ରହିଛି ।

**ଶିକ୍ଷା ପ୍ରଶାସକ ହିସାବରେ ଆଗକୁ କ'ଣ ସବୁ ଭାବିଛନ୍ତି ?**

ଆମ ରାଜ୍ୟରେ ଉପଯୁକ୍ତ ଦକ୍ଷତାର ଅଭାବ ରହିଛି । ଏହାର ଆବଶ୍ୟକତା ପାଇଁ ବିଭିନ୍ନ ରକମର ଦକ୍ଷତା ବୃଦ୍ଧି ତାଲିମ୍ ଆବଶ୍ୟକତା ରହିଛି । ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ । କୃଷି ଏବଂ ସ୍ୱାସ୍ଥ୍ୟ ସେବା ଭଳି କ୍ଷେତ୍ରରେ ନିଯୁକ୍ତି ପାଇ ପାରୁଥିବା କୋର୍ସ ଉପରେ ଗୁରୁତ୍ୱ ଦିଆଯିବ । ତା' ଛଡା ବି.ଏଡ୍ କୋର୍ସ ଖୋଲିବା ସହ ମାନସିକ ଅନଗ୍ରସର ଓ ଦିବ୍ୟାଙ୍ଗମାନେ କିପରି ଶିକ୍ଷା ପାଇ ପାରିବେ ,ସେ ଦିଗରେ ନିକଟ ଭବିଷ୍ୟତରେ ଚେଷ୍ଟା କରିବି ।

**ସାଂପ୍ରତିକ ଶିକ୍ଷା ବ୍ୟବସ୍ଥାରେ କିଛି ପରିବର୍ତ୍ତନ ଲକ୍ଷ୍ୟ କରିଛନ୍ତି କି ?**

ସମୟ ସହ ତାଳ ଦେଇ ପରିବର୍ତ୍ତନ ହୋଇଛି । ଏହା ସମୟର ଆବଶ୍ୟକତା ମଧ୍ୟ । ହାତ ପାହାନ୍ତାରେ ଆଜି ଇଣ୍ଟରନେଟ୍‌ରେ ସବୁ କିଛି ମିଳୁଛି । ମାତ୍ର ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ ପାଇଛି ଏକଥା ସତ ।

**ଆପଣଙ୍କ ଏହି ଲମ୍ବା ପ୍ରଶାସନିକ ଅଭିଜ୍ଞତା ସଂପର୍କରେ କ'ଣ କହିବେ ?**

ଇଗ୍ନୋରେ ଥିବା ସମୟରେ ପ୍ରାୟ ୩୫ ଲକ୍ଷ ପିଲାଙ୍କ ଆଡମିଶନ୍ ଠାରୁ ବିଦାୟ ନେବା ପର୍ଯ୍ୟନ୍ତ ସବୁ କିଛି ବୁଝିବା ଏକ ଗୁରୁ ଦାୟିତ୍ୱ ଥିଲା । ବିହାରରେ ଥିବା ସମୟରେ ଯୌନକର୍ମୀମାନଙ୍କୁ ମୁକ୍ତ ଶିକ୍ଷା ପାଇଁ ଉତ୍ସାହିତ କରିବା ସହ ଅନ୍ୟାନ୍ୟ ସ୍ଥାନରେ ଆଦିବାସୀ ମହିଳାମାନଙ୍କୁ ଶିକ୍ଷା ଦାନ କରି ସେମାନଙ୍କୁ ମୁଖ୍ୟ ସୋତ୍ରକୁ ଆଣିବା ମୋତେ ଖୁସି ଦେଇଛି ।

**ଆପଣ ଜଣେ ଶିକ୍ଷା ପ୍ରଶାସକ, ଅନ୍ୟ କେଉଁ ପ୍ରଶାସକଙ୍କ ଦ୍ୱାରା ଆପଣ ପ୍ରଭାବିତ ?**

ପ୍ରଥମେ ବ୍ରିଟିଶ୍ ମାନେ ବିଶ୍ୱରେ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଏଥିନେଇ ତାହାର ପ୍ରଥମ କୁଳପତି ୱାଲଟର ପେରିକ୍‌ଙ୍କ ଅବଦାନ ଆଦର୍ଶ ସ୍ଥାନୀୟ । ତାଙ୍କ ଜୀବନୀରୁ ମୁଁ ଅନେକ କିଛି ଶିଖିଛି ।

**ଆଗାମୀ ପାଞ୍ଚ ବର୍ଷ ପରେ ଏହି ମୁକ୍ତ ବିଶ୍ୱବିଦ୍ୟାଳୟକୁ କେଉଁ ସ୍ଥାନରେ ଦେଖିବାକୁ ଚାହାଁନ୍ତି ?**

ଏହା ବିଶ୍ୱସ୍ତରୀୟ ବିଶ୍ୱ ବିଦ୍ୟାଳୟରେ ପରିଣତ ହେବା ସହ ମୁକ୍ତ ଶିକ୍ଷା ଏକ ପ୍ରମୁଖ ପେଣ୍ଠସ୍ଥଳୀ ହେଉ । କାହା ପାଠପଢ଼ା ପାଇଁ ଅର୍ଥ ପ୍ରତିବନ୍ଧକ ନ ହେଉ ।

**ସଂକ୍ଷେପରେ ଡ଼କ୍ଟର ଶ୍ରୀକାନ୍ତ**

୧୯୬୦ ମାର୍ଚ୍ଚ ୧ ରେ ଢେଙ୍କାନାଳ ଜିଲ୍ଲାରେ ତାଙ୍କର ଜନ୍ମ । ପ୍ରାଥମିକ ଶିକ୍ଷା ନିଜ ଜିଲ୍ଲାରେ ସମାପ୍ତ କରିବା ପରେ ରେଭେନ୍ସାରେ ସ୍ନାତକ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର । ଜେଏନ୍‌ୟୁରେ ପିଏଚ୍‌ଡି ଶିକ୍ଷା ଲାଭ । ପରେ ଓଡ଼ିଶାର ସରକାରୀ ମହାବିଦ୍ୟାଳୟରେ ଦୀର୍ଘ ଦିନ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ । ଇଗ୍ନୋର ଓଡ଼ିଶା, ବିହାର ଓ ଗୁଜୁରାଟର ଆଞ୍ଚଳିକ ନିର୍ଦ୍ଦେଶକ ଦାୟିତ୍ୱ ଭାର ସମ୍ଭାଳିବା ପରେ ରିଜିଓନାଲ ସର୍ଭିସେସ୍ ଡିଭିଜନର ମୁଖ୍ୟ ଭାବେ କାର୍ଯ୍ୟ ଭାର ତୁଲାଇଥିଲେ । ସିକିମଠାରେ ଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରିଥିଲେ ।